# ଢେଙ୍କାନାଳରେ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପାଳିତ



ଢେଙ୍କାନାଳ, (ସବ୍ୟୁ) : ଜନନାୟକ ତଥା ଓଡିଶାର ପୁର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସକୁ ଢେଙ୍କାନାଳ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ମୁନିସିପାଲଟି ଅଡିଟୋରିୟମ ଗୃହ ଠାରେ "ପ୍ରବାଦ ପୁରୁଷ ଦିବସ' ଭାବରେ ପାଳନ କରାଯାଇଛି । ଢେଙ୍କାନାଳର ପୂର୍ବତନ ବିଧାୟକ ସୁଧିର କୁମାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ତିରୋଧାନ ଦିବସରେ ଶ୍ରୀ ସାମଲ ବିଜୁ ପଟ୍ଟନାୟକ ଜଣେ ରାଜନୈତିକ ବ୍ୟକ୍ତି ନ'ଥିଲେ ସେ ରାଜନୀତିର ଉର୍ଦ୍ଧ୍ୱରେ ରହି ଦେଶ ତଥା ରାଷ୍ଟ୍ର ପାଇଁ ସବୁବେଳେ ନିଜକୁ ନିୟୋଜିତ କରିଥିଲେ ।

ବିଜୁ ବାବୁଙ୍କ ଅଧୁରା ସ୍ୱପ୍ନକୁ ତାଙ୍କର ସୁପୁତ୍ର ନବୀନ ପଟ୍ଟନାୟକ ପୁରଣ କରିବା ପାଇଁ କାର୍ଯ୍ୟକରୁଥିବା କହି ବିଜେଡି କର୍ମୀମାନଙ୍କୁ ଏକାଠି ହୋଇ ରହିବା ପାଇଁ କହିବା ସହ ଆଜିର ଦିବସରେ ତାଙ୍କୁ ମନେ ପକାଇବା ସହ ତାଙ୍କର କାର୍ଯ୍ୟରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ଏଥି ସହିତ ଆଗାମି ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ କିପରି ସଂଗଠିତ ହୋଇ ଦଳକୁ ପୁଣି ଥରେ ଜିଲ୍ଲାପରିଷଦ ଓ ଅନ୍ୟ ଆସନରେ ବିପୁଳ ବିଜୟ ଲାଭ କରିବ ସେ ନେଇ ଆଶା ପୋଷଣ କରିଥିଲେ । ଅନ୍ୟତମ ଅତିଥି ଭାବେ ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଡ଼ ଅବିନାଶ ସାମଲ ଯୋଗଦେଇ ବିଜୁ ବାବୁଙ୍କ ସମୟରେ ଆଧୁନିକ ଓଡିଶାର ଗଠନ ହୋଇଥିଲା ବୋଲି କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡଙ୍ଗୀ, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଜିଲା ଛାତ୍ର ବିଜେଡି ସଭାପତି ଆୟର୍ଯ୍ୟନ ଦାସ, ଜିଲା ଆଇନ ସେଲ ଅଧ୍ୟକ୍ଷ ତଥା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଜିଲା ପରିଷଦ ସଦସ୍ୟ ଅଶୋକ କୁମାର ପରିଡା ପ୍ରମୁଖ ମଞ୍ଚାସୀନ ହୋଇ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ ।

ତିରୋଧାନ ଦିବସରେ ସହରସିତ' ଗୋପାଳ ସାଗର ପୋଖରିଠାରେ ସକାଳ ୮ଘଟିକା ସମୟରେ ବିଜେଡି କର୍ମୀମାନେ ଯୋଗଦେଇ ତିଳ ତର୍ପଣ କରିଥିଲେ । ପରେ ଗଣେଷ ବଜାର ରଥଗଡା ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୁର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା ।

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀର ମହିଳା, ଯୁବ , ଛାତ୍ର ବିଜୁ ଜନତା ଦଳର ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ । ଜିଲା କୃଷକ ଜନତା ଦଳ ସବାପତି ନରୋତ୍ତମ ସାହୁ ମଞ୍ଚ ପରିଚାଳନା କରିଥିଲା ବେଳେ ଜିଲ୍ଲା ସମ୍ପାଦକ ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୃଦ୍ଧ ପିତାମାତାଙ୍କୁ ପୁଅ-ବୋହୁଙ୍କ ନିର୍ଯାତନା



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦରଥାନା ଓଡାପଡା ବ୍ଲକ ପଞ୍ଚୁପଟି ଗ୍ରାମରେ ଜନୈକ ବୃଦ୍ଧ ଦମ୍ପତିଙ୍କୁ ତାଙ୍କର ପୁଅବୋହୁ ମାଡ ମାରିବା ସହିତ ନିଯାତନା ଦେଉଥିବାରୁ ସେମାନେ ସଦର ଥାନାରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି ।

ସଦର ଥାନା ପଞ୍ଚୁପଟି ଗ୍ରାମର ମଙ୍ଗରାଜ ସାହୁ(୮୫)ଙ୍କ ଅଭିଯୋଗ ଅନୁସାରେ ତାଙ୍କ ବଡ ପୁଅ ରଞ୍ଜନ କୁମାର ସାହୁ ଓ ବଡବୋହୁ ଭାରତୀ ସାହୁଙ୍କ ସହିତ ତାଙ୍କର ମଝିଆ ପୁଅ ସୁଜନ କୁମାର ସାହୁ ଏବଂ ବୋହୁ ପଙ୍କଜିନୀ ସାହୁ ମିଳିତ ଭାବରେ ଗତ ୭ ତାରିଖ ଦିନ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ । ଏହି ସମୟରେ ତାଙ୍କ ପନୀ ଗୌରୀ ସାହୁ ପ୍ରତିବାଦ କରିବାରୁ ତାଙ୍କୁ ମଧ ଗାଳି ଗୁଲଜ କରିବା ସହିତ ମାଡ ମାରିଥିଲେ । ଘରେ ସର୍ବଦା ଗଣ୍ଡଗୋଳ ଲାଗି ରହୁଛି । ବୃଦ୍ଧ ଦମ୍ପତି ହୃଦରୋଗୀ ହୋଇଥିବା ବେଳେ ଔଷଧ ବ୍ୟବହାର କରି ଚଳୁଛନ୍ତି । ଏପରି ସମୟରେ ତାଙ୍କୁ ନିର୍ଯାତନା ଦେବା ସହିତ ମାଡ ମାରିବାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ନ୍ୟାୟ ଦାବି କରିଛନ୍ତି ।

# ମଦ ବିକ୍ରି ବନ୍ଦ ପାଇଁ ମହିଳାଙ୍କ ଅଭିଯାନ

ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ବାଙ୍ଗୁରସିଂହ ପଞ୍ଚାୟତ ଅଧୀନ ପନେଇଲୋ ଗ୍ରାମରେ ମଦ କାରବାର ବନ୍ଦ କରିବା ଦାବିରେ ମହିଳା ଗୋଷ୍ଠୀର ସଦସ୍ୟମାନେ ଗ୍ରାମରେ ଶୋଭାଯାତ୍ରା କରି ମଦ କାରବାର କରୁଥିବା ବ୍ୟକ୍ତିଙ୍କୁ ପରୋକ୍ଷରେ ଚେତାବନୀ ଦେଇ ମଦ ହଟାଓ ପରିବାର ବଞ୍ଚାଓ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ । ଏହା ପରେ ମହିଳା ମାନେ ଓଡ଼ାପଡ଼ା ବ୍ଲକକୁ ଯାଇ ମଦ କାରବାର ବନ୍ଦ କରିବା ଦାବିରେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ମହିଳା ମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।ଦିର୍ଘ ବର୍ଷ ଧରି ପନେଇଲୋ ଗ୍ରାମରେ ଚୋରା ମଦ କାରବାର ହେଉଛି । ଯାହା ଫଳରେ ଲୋକମାନେ ନିଶାଦ୍ରବ୍ୟ ଖାଇ ପ୍ରତ୍ୟେକ ଦିନ ବିଭିନ୍ନ ବିଶୃଙ୍ଖଳା ଗଣ୍ଡଗୋଳ ମାରପିଟ୍ ନିତିଦିନିଆ ଘଟଣାରେ ପରିଣତ ହୋଇଛି ।

ଏହା ଦ୍ୱାରା ଲୋକ ମାନଙ୍କ ଆର୍ଥିକ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି । ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି । ଅନେକ ବିଭିନ୍ନ ରୋଗରେ ପଡ଼ି ଅକାଳରେ ମୃତ୍ୟୁ ବରଣ କରୁଛନ୍ତି ।ପୁରୁଷ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି । ଏହି ନିଶା କାରବାର ଯୋଗୁଁ ଗ୍ରାମରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇ ପାରୁନାହିଁ ।

ଏହିପରି ଅନେକ ସମସ୍ୟା ଦେଖାଦେଇଛି । ଓଡ଼ାପଡ଼ା ବ୍ଲକ ଓ ଫାଣ୍ଡି ଠାରୁ ଅଧା କିମି ଦୂରରେ ଏବଂ ୫୫ନଂ ଜାତୀୟ ରାଜପଥ କଡ଼ରେ ଥିବା ଏହି ଗ୍ରାମ ରେ ଦିର୍ଘ ବର୍ଷରୁ ଚୋରା ମଦ କାରବାର ହେଉଥିବାବେଳେ ଅବକାରୀ ବିଭାଗ କିମ୍ବା ପୋଲିସ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଗ୍ରାମରେ ଚୋରା ମଦ କାରବାର କୁଟିର ଶିଳ୍ପରେ ପରିଣତ ହୋଇଥିବା ଜଣାପଡିଛି । ଏହି ମଦ କାରବାର ବନ୍ଦ କରିବା ପାଇଁ ଗ୍ରାମବାସୀମାନେ ଦାବୀ ଜଣାଇଛନ୍ତି ।

# ମା' ଦକ୍ଷିଣକାଳୀଙ୍କ ଯାତ୍ରାରେ ହଜାର ହଜାର ଭକ୍ତ

ବଅଁରପାଳ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କାଙ୍ଗୁଲା ଗ୍ରାମରେ କେଉଁ ଆବାହମାନ କାଳରୁ ପୂଜା ପାଇ ଆସୁଛନ୍ତି ମା'ଦକ୍ଷିଣକାଳୀ । ମା'ଙ୍କୁ ଦର୍ଶନ କରିବା ପାଇଁ ପ୍ରତ୍ୟେକ ଦିନ ମନ୍ଦିରକୁ ଭକ୍ତଙ୍କ ସୁଅ ଛୁଟେ । ୧୩ ଦିନ ବ୍ୟାପି ପାରମ୍ପାରିକ ରୀତିନୀତି ଅନୁଯାୟୀ ମା'ଦକ୍ଷିଣକାଳୀଙ୍କ ମେରୁ ଯାତ୍ରା ସମାପନ ହୋଇଥାଏ । ଶେଷ ଦିନରେ ଅନେକ ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ ।

ଏହି ଅବସରରେ ସ୍ଥାନୀୟ ପ୍ରଶାସନ ଓ ପୂଜା କମିଟି ପକ୍ଷରୁ ମା'ଙ୍କ ପବିତ୍ର ଲଡୁ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥର ମା'ଙ୍କ ଲଡୁକୁ ନାଲକୋ ଆଲୁମିନିୟମ ମଜଦୂର ସଂଘର ସଭାପତି ମୁନା ସାମଲ ପାଇବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ଯାତ୍ରାରେ ଖୋଲି ଥିବା ଅସ୍ଥାୟୀ ଦୋକାନ ଗୁଡିକରେ କିଣା କିଣି କରିବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।ମେରୁଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଜମିଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ପ୍ରଶାସନ ଓ ପୂଜା କମିଟି ସଦସ୍ୟମାନେ ବିଭିନ୍ନ ପ୍ରକାର ସହାୟତା କରିଥିଲେ ।

# ଓଳନ୍ଦା ଗ୍ରାମରେ ଅଜଣା ରୋଗରେ ୮ ବାଛୁରୀ ମୃତ

ରେଙ୍ଗାଳି,(ସବ୍ୟୁ) : ରେଙ୍ଗାଳି ଥାନା କୁଲୁମା ପଂଚାୟତ ଓଳନ୍ଦା ଗ୍ରାମରେ ଦୁଇ ଦିନ ମଧ୍ୟରେ ଅଜଣା ରୋଗରେ ୮ଟି ବାଛୁରୀର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି ।

ଘଟଣାରୁ ପ୍ରକାଶ କୁଲୁମା ପଞ୍ଚାୟତ ଓଳନ୍ଦା ଗ୍ରାମରେ ଦୁଇ ଦିନ ହେଲା ଗ୍ରାମର ଗାଈ ଗୋରୁ ନିକଟସ୍ଥ ଜଙ୍ଗଲକୁ ଚରିବାକୁ ଯାଇଥାନ୍ତି । ବିଗତ ଦୁଇ ଦିନ ମଧ୍ୟରେ ଚରାବାକୁ ଯାଇଥିବା ଗୋରୁପଲ ମଧ୍ୟରୁ ବିଭିନ୍ନ ସ୍ଥାନରେ ୮ଟି ବାଛୁରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଗ୍ରାମର ଗୌର ଚନ୍ଦ୍ର ସାହୁ, ପୁରୁଷୋତ୍ତମ ସାହୁ, ପରମା ପ୍ରଧାନ, ଯୋଗିନାଥ ସାହୁ, ସନ୍ତୋଷ ସାହୁ, କୁମାରୀ ସାହୁ, କଇରୁ ପ୍ରଧାନ ପ୍ରମୁଖଙ୍କ ବାଛୁରୀ ଗୁରୁ ପଲ ସହ କରିବାକୁ ଯାଇ ଫେରିବା ବାଟରେ ବିଭିନ୍ନ ସ୍ଥାନରେ ମରି ପଡିଥିବା ଦେଖିଥିଲେ । ଘଟଣା ସମ୍ପର୍କରେ ରେଙ୍ଗାଳି ପ୍ରାଣୀ ଚିକିତ୍ସା ଅଧିକାରୀ ତୁଷାର କାନ୍ତ ଗଡ଼ନାୟକଙ୍କୁ ରାତି ୮ ଘଟିକା ସମୟରେ ପ୍ରାଣୀମିତ୍ର ଜଣାଇଥିଲେ ଗୁରୁବାର ସକାଳୁ ତାଙ୍କ ଟିମ ସହିତ ଗ୍ରାମକୁ ଜାଇ ଗ୍ରାମର ଗୋରୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆନୁସାଙ୍ଗିକ ଚିକିତ୍ସା ସେବା ଯୋଗାଇ ଦେଇଥିଲେ । ଚିକିତ୍ସା କରୁଥିବା ଡାକ୍ତର ଏହା ଅଂଶୁଘାତ କିମ୍ବା ଅନ୍ୟକିଛି ତାହା ପରୀକ୍ଷା ପରେ ଜନା ଜଣା ପଡିବ ବୋଲି କହିଥିଲେ ।

# ଟାଟାଷ୍ଟିଲର ଅଗ୍ନି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ହିନ୍ଦୋଳ ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ହିନ୍ଦୋଳବ୍ଲକ ଖଜୁରିଆକଟା ହାଇସ୍କୁଲରେଅଗ୍ନିସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଅଗ୍ନିସେବା ସପ୍ତାହ ଏପ୍ରିଲ ୧୪ ତାରିଖ ରୁ ଏପ୍ରିଲ ୨୦ତାରିଖ ପର୍ଯ୍ୟନ୍ତ ପାଳନ ଅବସରରେ ଟାଟାଷ୍ଟିଲ (ମେରା ମଣ୍ଡଳୀ) ପକ୍ଷରୁ ଅଗ୍ନି ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ ଅଧିକାରୀ ସ୍କୁଲ ର ଛାତ୍ର ଛାତ୍ରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର କର୍ମଚାରୀ ମାନଙ୍କୁ ଅଗ୍ନି ନିର୍ବାପନ ସଂପର୍କରେ ବିଷଦ ସୂଚନା ପ୍ରଦାନ କରିବାସହ ନିଆଁ ଲାଗିଲେ ଆମେ କେମିତି ନିଆଁକୁ ଆୟତ୍ତ କରିବା ସହ ନିଜକୁ କେମିତି ରକ୍ଷା କରିବାରିବା ସେହି ବିଷୟରେ ତାଲିମ ପ୍ରଦାନ କରାଯାଉଥିଲା । ପରିଶେଷରେ ସ୍କୁଲ ପିଲା ମାନଙ୍କ ମଧ୍ୟରେ ଅଗ୍ନି ସୁରକ୍ଷା ସମ୍ପର୍କିତ କୁଇଜ ପ୍ରତିଯୋଗିତା କରା ଯାଇଥିଲା । କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ସମେତ, ସହକାରୀ ଶିକ୍ଷକ,ଶିକ୍ଷୟିତ୍ରୀଗଣ ଓ ହିନ୍ଦୋଳ ଅଞ୍ଚଳର ସାମ୍ବାଦିକ ଭାଇ ଭଉଣୀ ମାନେ ଉପସ୍ଥିତ ରହି ଥିଲେ । ଏହି ଅଗ୍ନିସେବା ସପ୍ତାହପାଳନ ବିଭିନ୍ନ ସ୍କୁଲ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ରେ ସାତଦିନ ପର୍ଯ୍ୟନ୍ତ ଜାରିରହିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ମଦ୍ୟପ ସ୍ୱାମୀର କୁରାଢ଼ି ଚୋଟରେ ସ୍ତ୍ରୀର ମୃତ୍ୟୁ

ବଇଣ୍ଡା, (ସବ୍ୟୁ) : ହଣ୍ଡପା ଥାନା ଅନ୍ତର୍ଗତ ଉରକୁଳା ପଞ୍ଚାୟତ ଗଦେଇମୁଣ୍ଡାର କୁଡ଼ାସାହି ଠାରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ସାମାନ୍ୟ ବଚସାକୁ ନେଇ ସ୍ୱାମୀ ଚକ୍ରଧର ଦେହୁରୀ (୭୫) ନିଜ ସ୍ତ୍ରୀ ରଇବାରି ଦେହୁରୀ(୭୦ର) କୁ କୁରାଢ଼ିରେ ତାଙ୍କ ମୁଣ୍ଡକୁ ଚୋଟ ମାରିଥିଲେ ।ଘଟଣା ସ୍ଥଳରେ ସ୍ତ୍ରୀର ମୃତ୍ୟୁ ଘଟିଛି ।ଏ ସଂମ୍ପର୍କରେ ହଣ୍ଡପା ଥାନାରେ ହତ୍ୟାକାରିଙ୍କ ପୁଅ ସୁରେଶଦେହୁରି ଏତଲା ଦେବାପରେ ଘଟଣା ସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ ଦଳ ପହଞ୍ଚି ରଇବାରି ଦେହୁରୀଙ୍କ ଶବୁ ଜବତି କରିବା ସହିତ ପୋଷ୍ଟମଟମ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ହତ୍ୟାକାରି ବ୍ୟବହାର କରିଥିବା କୁରାଢ଼ି ଓ ମାରଣାସ୍ତ୍ର ଜବି କରିଛନ୍ତି । ଅଭିଯୁକ୍ତ ଚକ୍ରଧର ଦେହୁରୀ ଙ୍କୁ ପୋଲିସ ଗିରଫ କରି ତଦନ୍ତ ଚଳାଇଛି ।

# ଷୋଳପଦା ସ୍ନାତକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ଷୋଳପଦା ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ଅବସରରେ ଜାତୀୟ ସେବା ଯୋଜନା ଓ୍ୟୁଥ ରେଡକ୍ରସ (ୱାଇଆରସି) ମିଳିତ ଆନୁକୂଲ୍ୟରେ ଏକ ରକ୍ତ ଦାନ ଶିବିର ଶୁକ୍ରବାର ଦିନ ମହାବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରତିମା ବାଘ ଉଦଘାଟନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧାପକ ସରୋଜ ରଂଜନ ପ୍ରଧାନ, ସରୋଜ କୁମାର ଦାସ, ତରୁଣ କୁମାର ପ୍ରଧାନ,ଡ଼ କଲ୍ୟାଣୀ ରୂପା ମିଶ୍ର, ଟୁକୁନା ପ୍ରଧାନ, ସଂଜୟ କୁମାର ଜେନା, ସାଧୀନ ବେହେରା,ପାୟଲ ପାତ୍ର, ଅନ୍ନପୂର୍ଣ୍ଣା ପ୍ରଧାନ, ପ୍ରଜ୍ଞା ରଂଜନ ସାହୁ, ମନୋରଞ୍ଜନ ବାରିକ ଯୋଗ ଦେଇଥିଲେ । ଏଥିରେ ୧୧ୟୁନିଟ ରକ୍ତ ସଂଗ୍ରହ ହୋଇ ଥିବା ବେଳେ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀମାନେ ଯୋଗ ଦେଇ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ, ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରି ଥିଲେ ।

# ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ

ତାଳଚେର,(ସବ୍ୟୁ) : ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୨୯ ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ସକାଳ ୯ ଘଟିକା ସମୟରେ ତାଳଚେର ଟାଉନ ଜଗନ୍ନାଥ ମନ୍ଦିର ଠାରେ ପୂଜା ଅର୍ଚ୍ଚନା କରିବା ପରେ ବ୍ରାହ୍ମଣୀ ନଦୀକୂଳେ ସାମୁହିକ ତିଳତର୍ପଣ କରି ସେଠାରୁ ବିରାଟ ପଟୁଆର ସହ ସହର ପରିକ୍ରମା କରି ତାଳଚେର ବସଷ୍ଟାଣ୍ଡ ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବାପରେ ତାଳଚେର ମେଡିକାଲକୁ ଯାଇ ରୋଗୀ ମାନଙ୍କ ଭଲମନ୍ଦ ବୁଝିବା ସହ ଫଳ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା ।

ପରେ ତାଳଚେର ପୌରପରିଷଦ ତିନି ନମ୍ବର ଓ୍ୱାର୍ଡ ସ୍ଥିତ ଅମ୍ବାଲାପଡା ସଂସ୍କୃତିଭବନ ଠାରେ ୧୦.୩୦ ଘଟିକା ସମୟରେ ସମୂହ ଦ୍ୱୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ତାଳଚେରର ସମସ୍ତ ଜୋନର ଜିଲ୍ଲା ପରିଷଦ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ,ପଞ୍ଚାୟତ ସଭାପତି,ତାଳଚେର ପୌରାଞ୍ଚଳ ଓ୍ୱାର୍ଡ କାଉନସିଲର, ଯୁବ,ଛାତ୍ର ମହିଳାଙ୍କ ସମେତେ ବିଜୁଜନତା ଦଳର ସମସ୍ତ ପଦାଧିକାରୀ ଓ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ।

# ପୋଲିସ ପକ୍ଷରୁ ଜଳଛତ୍ର ଉଦ୍‌ଘାଟନ

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ପୋଲିସ ପକ୍ଷରୁ ଠାକୁରଗଡ ଥାନା ନିକଟରେ ଶୁକ୍ରବାର ଦିନ ଜଳଛତ୍ର ଉଦଘାଟନ କରାଯାଇଛି । ଆଠମଲ୍ଲିକ ଏସଡିପିଓ ସୁଶାନ୍ତ କୁମାର ତାଉଡିଆ ଯୋଗ ଦେଇ ଏହି ଜଳଛତ୍ର କୁ ଉଦଘାଟନ କରିଥିଲେ । ଏଥିସହ ଠାକୁରଗଡ ଅଞ୍ଚଳବାସୀ ଙ୍କୁ ଦହି ସରବତ ବଣ୍ଟନ କରିଥିଲେ । ଅନ୍ୟମାନ ଙ୍କ ମଧ୍ୟରେ ଠାକୁରଗଡ ଆଇଆଇସି ଶାସୀ ଭୂଷଣ ବେହେରା , ଏଏସଆଇ ଯଶୋବନ୍ତୀ ନାୟକ , ଗ୍ରାମର ସନ୍ତୋଷ କୁମାର ବିଶାଳ , ଇନ୍ଦ୍ରମଣି ସାହୁ , ଟୁନା ସାହୁ ଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ ।

# ପାଇପ ଲାଇନରୁ ଦରପୋଡ଼ା ଶବ ଉଦ୍ଧାର, ହତ୍ୟା ଅଭିଯୋଗ

କଣିହାଁ, (ସବ୍ୟୁ): ଅନୁଗୋଳ ଜିଲ୍ଲା କଣିହାଁ ଥାନା ଅନ୍ତର୍ଗତ କଣିହାଁ ପେଟ୍ରୋଲ ପମ୍ପ ନିକଟ ଏନଟିପିସି ଆଶପଣ୍ଡ କୁ ଯାଇଥିବା ପାଇପ ଲାଇନ ରୁ ଏକ ଦରପୋଡ଼ା ଶବ ଉଦ୍ଧାର କରିଛି ପୁଲିସ ।ଉକ୍ତ ଶବ କଣିହାଁ ଥାନା ଅନ୍ତର୍ଗତ ମସୁଣୀହତା ଗ୍ରାମର ବାରୁ ବେହେରା (୩୩) । କଣିହାଁ ଆଇଆଇସି ରମଣୀ ରଞ୍ଜନ ଦଳେଇ ଏଥିନେଇ ଏକ ହତ୍ୟା ମୋକଦ୍ଦମା ୧୧୧/୨୬ ରୁଜୁ କରି ସାଇଣ୍ଟିଫିକ ଟିମ ମଧ୍ୟମରେ ତଦନ୍ତ କରି ଶବ ବ୍ୟବଛେଦ ପାଇଁ ତାଳଚେର ମେଡିକାଲ ପଠାଇଛନ୍ତି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ପାଇପ ଲାଇନ ପାଖରେ ଏକ ଦରପୋଡ଼ା ଅଜଣା ଶବ ପଡ଼ିଥିବା ଖବର ପାଇ ପୁଲିସ ସେଠାରେ ପହଞ୍ଚିଥିଲା । ତଦନ୍ତ ସମୟରେ ତାହା ମସୁଣୀହତା ଗ୍ରାମର ବାରୁ ବେହେରାର ବୋଲି ଜଣାପଡିଥିଲା । ବାରୁ ଅବିବାହିତ , ବାପା ମାଆ ନଥିବା ବେଳେ ତାର ଏକ ସାନ ଭାଇ ଅଛି ଯିଏ ବିବାହିତ । ପ୍ରାୟ ୩ବର୍ଷ ହେବ ବାରୁ ଘରେ କଣିହାଁ ରେ ରୁହେ ,ଏକ ଘରୋଇ ଦୋକାନ ରେ କାମ କରେ । ମଝିରେ ମଝିରେ ଗ୍ରାମକୁ ଯାଏ । ୨ଦିନ ହେଲା ତାକୁ ଘର କିମ୍ବା ଗ୍ରାମ ଲୋକ କେହି ଦେଖି ନଥିବା ବେଳେ ଶୁକ୍ରବାର ସକାଳେ ଏକ ଅଜଣା ଶବ ପଡ଼ିଥିବା ଜଣାପଡିଥିଲା ଓ ପରେ ଏହା ବାରୁ ବେହେରାର ଜଣା ପଡିଥିଲା ।ତାକୁ କେହି ହତ୍ୟା କରି ପାଇପ ଲାଇନ ପାଖରେ ପକାଇ ପୋଡି ଫେରାର ହୋଇଯାଇଛି । ତାକୁ କିଏ ଓ କାହିଁକି ହତ୍ୟା କଲା ପୁଲିସ ତଦନ୍ତ ଚଳାଇଛି ।

# ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ନଅଗାଁ ପଞ୍ଚାୟତ କୁଟେଶ୍ୱର ଗ୍ରାମ ରେ ଥିବା ପଞ୍ଚାୟତ ରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦ ସଭାପତି ସୁରଥ କ୍ଷେତି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ରାଜ ଉଚ୍ଚ ବିଦ୍ୟାଳୟ ରେ ଦୀର୍ଘ ଦିନ ପ୍ରଧାନଶିକ୍ଷକ ଭାବରେ ଦାୟିତ୍ୱ ତୁଲାଇ ଥିବା ପ୍ରଧାନ ଶିକ୍ଷକ ଦୁଃଖିଶ୍ୟାମ ଦେହୁରୀ ଓ ସ୍କୁଲ କିରାଣୀ ଭାବରେ କାର୍ଯ୍ୟ କରିଥିବା ପିତାମ୍ବର ବେହେରା ଅବସରଗ୍ରହଣ କରିଛନ୍ତି । ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଓ କିରାଣୀ ଙ୍କ ଉଦେଶ୍ୟରେ ଅନୁଷ୍ଠିତ ହୋଇଥିବା ଅବସର କାଳୀନ ସମ୍ବର୍ଦ୍ଧନା ସଭା ରେ ସ୍କୁଲ ଗଠନ ରେ ଅବଦାନ ଥିବା ନବୀନ କୁମାର ଦେହୁରୀ, ପ୍ରାଣ ବନ୍ଧୁ ଭୁରଭୁରି, କୃପା ସିନ୍ଧୁ ଭୁରଭୁରି, ପ୍ରେମାନନ୍ଦ ବେହେରା ମାଳି, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଞ୍ଛା ନିଧି ପ୍ରଧାନ, ପରିଚାଳନା କମିଟି ର ପୂର୍ବତନ ସମ୍ପାଦକ ଭବାନୀ ପ୍ରସାଦ ଜ୍ୟୋତିଷ ରାଏ ପ୍ରମୁଖ ପ୍ରଧାନଶିକ୍ଷକ ଙ୍କ ସ୍କୁଲ ପ୍ରତି ଥିବା ଅବଦାନ ଉପରେ ଆଲୋକପାତ କରିଥିଲେ ।

# ସମାଜସେବୀ କ୍ଷୀରୋଦ ସାହୁ ସମ୍ବର୍ଦ୍ଧିତ



କଣିହାଁ ,(ସବ୍ୟୁ) : ଉତ୍କଳ ସାମ୍ବାଦିକ ସଂଘ ଅନୁଗୋଳ ଜିଲ୍ଲା ଶାଖା ପକ୍ଷରୁ ଏନଟିପିସି କଣିହାଁ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ସାଧାରଣ ଅଧିବେଶନରେ ସମାଜସେବୀ କ୍ଷିରୋଦ ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ପାଲଲହଡା ବିଧାୟକ ଅଶୋକ କୁମାର ମହାନ୍ତି ଯୋଗ ଦେଇ ସ୍ୱାସ୍ଥ୍ୟସେବା, ରକ୍ତଦାନ, ବୃକ୍ଷ ରୋପଣ, ଶବ ସତ୍କାର, ବାହାନଗା ରେଳ ଦୁର୍ଘଟଣାରେ ସହଯୋଗ ଓ ବିଭିନ୍ନ ସଚେତନା କାର୍ଯ୍ୟକର୍ମରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ କ୍ଷିରୋଦ ସାହୁଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ରାଜ୍ୟ ସଭାପତି ବିଭୁତି ଭୂଷଣ କର, ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ଉପ ସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଡ ରଶ୍ମୀ ରଞ୍ଜନ ମିଶ୍ର, ଜିଲ୍ଲା ସଭାପତି ପୂର୍ଣ୍ଣ ଚନ୍ଦ୍ର ସାହୁ, ଉପଦେଷ୍ଟା ସଂଗ୍ରାମ ରଞ୍ଜନ ଦାଶ, ଦେବୀ ମିଶ୍ର ଉପସ୍ଥିତ ଥିଲେ । ପ୍ରକାଶଥାଉ କି, ଶ୍ରୀ ସାହୁ ୩୦ବର୍ଷ ର ସାମାଜିକ କାର୍ଯ୍ୟକୁ ସମାପନ କରି ୨୦୨୬ରେ ପୁରୀ ମେଡିକାଲରେ ୬୫ତମ ରକ୍ତଦାନ କରି ତାଙ୍କର ୩୧ତମ ସାମାଜିକ କାର୍ଯ୍ୟ ଆରମ୍ଭ କରିଛନ୍ତି ।

# କିଶୋରନଗର ସହକାରୀ କୃଷି ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ

ଠାକୁରଗଡ ,(ସବ୍ୟୁ) : କିଶୋରନଗର ବ୍ଲକର ସହକାରୀ କୃଷି ଅଧିକାରୀ (ଏଏଓ ) ଦୀପ୍ତିମୟୀ ସିଂଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁପାରିଶ କରିଛନ୍ତି । ଏକ ଜାଲିଆତି କାର୍ଯ୍ୟକଳାପରେ ସଂପୃକ୍ତ ଥିବା ଅଭିଯୋଗରେ ତଦନ୍ତ କମିଟିର ରିପୋର୍ଟ ଆଧାରରେ ଏହି ପଦକ୍ଷେପ ନିଆଯାଇଛି । କିଶୋରନଗର ବ୍ଲକ କୃଷି କାର୍ଯ୍ୟ ଳୟରେ ବ୍ୟାପକ ଦୁର୍ନୀତି ହୋଇଥିବା ବେଳେ ଏ ନେଇ ୬ ଜଣିଆ କମିଟି ପକ୍ଷରୁ ତଦନ୍ତ କରିବା ପରେ ତଦନ୍ତ ରିପୋର୍ଟ: ଅନୁଗୋଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗଠିତ ଏକ ତଦନ୍ତ କମିଟି ନିଜର ରିପୋର୍ଟ ପ୍ରଦାନ କରିଛନ୍ତି । ଏହି ରିପୋର୍ଟରେ ଦୀପ୍ତିମୟୀ ସିଂ ଏବଂ ଏହି ଜାଲିଆତିରେ ସଂପୃକ୍ତ ଥିବା ଅନ୍ୟ ସମସ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି । ସ୍ୱେଶାଲ ଅଡିଟ ଦାରା ଧାର୍ଯ୍ୟ କରାଯାଇଥିବା ସମସ୍ତ ହରିଲୁଟ ଅର୍ଥରାଶିକୁ ସଂପୃକ୍ତ ବ୍ୟକ୍ତିଙ୍କଠାରୁ ଆଦାୟ କରିବା ପାଇଁ ମଧ ରିପୋର୍ଟରେ ପରାମର୍ଶ ଦିଆଯାଇଛି । ଏହି ସମ୍ପର୍କରେ ଅନୁଗୋଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚିଠି ସଂଖ୍ୟା ୧୪୧୦ (ତାରିଖ: ୧୫/୦୪/୨୦୨୬) ମାଧ୍ୟମରେ ଭୁବନେଶ୍ୱର ସ୍ଥିତ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କୁ ଅବଗତ କରାଇଛନ୍ତି । ଏହି ଚିଠିର ନକଲ ଆଠମଲ୍ଲିକ କୃଷି ଜିଲ୍ଲା ଅଧିକାରୀ ଏବଂ ଅନୁଗୋଳ ଜିଲ୍ଲାପାଳଙ୍କୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି । କିଶୋରନଗର କୃଷି କାର୍ଯ୍ୟ ।ଳୟରେ ଲକ୍ଷ ଲକ୍ଷ ଟଙ୍କାର ସାର ବିକ୍ରି କରି ଲୁଟ କରାଯାଇଥିବା ସମ୍ପର୍କରେ ଆଠମଲ୍ଲିକ ଅଞ୍ଚଳର ସାମାଜିକ କର୍ମୀ ପ୍ରିୟ ଦର୍ଶନି ସାଇଁ ଓ ବିଶଜିତ ଗାଇ ଗରିଆ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଏହି ଦୁର୍ନୀତି ସମ୍ପର୍କରେ ତଦନ୍ତ କରାଯାଇଥିଲା ।

ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ କୃଷି ବିଭାଗରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି । ଏ ନେଇ ଏଏଓ ଦୀପ୍ତି ମୟୀ ସିଂ ଙ୍କୁ ଏ ସମ୍ପର୍କରେ ପଚାରିବାରୁ କୌଣସି ଉତ୍ତର ନଦେଇ ପ୍ରସଙ୍ଗକୁ ଏଡାଇ ଦେଇଥିଲେ ।

# ଓଡ଼ିଶାର ସଂସ୍କୃତି ଓ ପରମ୍ପରା ସାରା ବିଶ୍ୱରେ ଅନନ୍ୟ



ଅନୁଗୋଳ, (ସବ୍ୟୁ) : ଅନୁଗୋଳର ଅଗ୍ରଣୀ ସେବା -ସାଂସ୍କୃତିକ ଅନୁଷ୍ଠାନ ଆମ ସଂସ୍କୃତି ପକ୍ଷରୁ ପ୍ରତିବର୍ଷ ପରି ଏହି ବର୍ଷ ମଧ୍ୟ ମହା ବିଷୁବ ମିଳନ ମହୋତ୍ସବ ଓ ଓଡ଼ିଆ ନବବର୍ଷ ସମାରୋହ ପାଳିତ ହୋଇଯାଇଛି । ଆମ ସଂସ୍କୃତି ଅନୁଷ୍ଠାନର ସଭାପତି ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲାଜଜ ଦୁର୍ଗା ଶଙ୍କର ମିଶ୍ର, ଅନୁଗୋଳ ସରକାରୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶାନ୍ତନୁ କୁମାର ସର, ଅଧ୍ୟାପକ କୁଳମଣି ନାୟକ, ଜିନ୍ଦଲ ଷ୍ଟିଲର ସିଏସଆର ମୁଖ୍ୟ ଜୟନ୍ତ କୁମାର ମହାନ୍ତି ଯୋଗଦେଇଥିବା ବେଳେ ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ସଦସ୍ୟ ପଣ୍ଡିତ ମହେଶ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ମୁଖ୍ୟଅତିଥି ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଭାଷା ସାରା ବିଶ୍ୱରେ ଅନନ୍ୟ ବୋଲି କହିଥିଲେ । ମୁଖ୍ୟବକ୍ତା ପଣ୍ଡିତ ମହେଶ ସାହୁ ତାଙ୍କ ବକ୍ତବ୍ୟରେ ଓଡିଶାକୁ ଜଗନ୍ନାଥ ଦେଶ ବୋଲି ସାରା ବିଶ୍ୱ ଜାଣିଛି ବୋଲି କହିବା ସହିତ ଇଂରାଜୀ ନବବର୍ଷ ପାଳନ ପରିବର୍ତ୍ତେ ଓଡ଼ିଆ ନବବର୍ଷ ଘରେ ଘରେ ସମସ୍ତଙ୍କୁ ନିବେଦନ କରିଥିଲେ ।

ପ୍ରାରମ୍ଭରେ କବୟିତ୍ରୀ ରେଣୁବାଳା ମହାପାତ୍ର ଶ୍ରୀ ଜଗନ୍ନାଥ ଓ ନାରୀଶକ୍ତି ଉପରେ କବିତା ଆବୃତ୍ତି କରିଥିଲେ । ମଞ୍ଚରେ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓମ ବିଦ୍ୟାଭାରତୀ ଆବାସିକ ମହାବିଦ୍ୟାଳୟ ସମୂହ ଓ ବିଦୁଲତା ଏଜୁକେଶନାଲ ଚାରିଟେବଲ ଟ୍ରଷ୍ଟ ଅନୁଷ୍ଠାନକୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ସମାରୋହରେ ନୃତ୍ୟ ନିଳୟ, ନ୍ୟୁ କ୍ରିଏସନ ଡ୍ୟାନ୍ସ ଗ୍ରୁପ, ନୃତ୍ୟ ଦୀକ୍ଷା, ନୃତ୍ୟ ଶ୍ରୀଧାରା, ଦି ଓମ କଲଚୁରାଲ କ୍ରିୟୁ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା । ବିଶିଷ୍ଟ କଣ୍ଠଶିଳ୍ପୀ ଚଣ୍ଡିକା ନନ୍ଦଙ୍କ ଦି ଭଏସ ମେଲୋଡି ଗ୍ରୁପ ଦ୍ୱାରା ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ବସନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପସଭାପତି ଆଇନଜୀବୀ ଗୋପାଳ ଚନ୍ଦ୍ର ନାଥ, ଅବସରପ୍ରାପ୍ତ ପ୍ରଶାସକ ହେମନ୍ତ କୁମାର ଦାଶ, ଆଇନଜୀବୀ ପ୍ରଦୀପ ଦେବତା, ଦିଲ୍ଲୀପ ଦାସ, ଭୂପେଶ ପ୍ରଧାନ, ପ୍ରଶାନ୍ତ ରଥ, ସଞ୍ଜୟ ପ୍ରଧାନ, ଶତ୍ରୁଘ୍ନ ସାହୁଙ୍କ ସମେତ ଅନୁଗୋଳ ସହରର ଶତାଧିକ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି, ସଂସ୍କୃତି ପ୍ରେମୀ ବ୍ୟକ୍ତି ବିଶେଷ, ଓମ ବିଦ୍ୟାଭାରତୀ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ଅନୁଷ୍ଠାନର ଉପସଭାପତି ରୋହିତ କୁମାର ଦାଶ ଓ ସହ ସମ୍ପାଦକ ରାମକୃଷ୍ଣ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ ।

